# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 18th May – 2025

### News Editor : Tapan Kumar Moharana

*************************************

## ମୁଖ୍ୟ ସମ୍ବାଦ

- ସକାରାତ୍ମକ ମନୋଭାବ ସହିତ ସରକାରଙ୍କର ଜନକଲ୍ୟାଣକାରୀ କାର୍ଯ୍ୟଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟରେ ରେଳବାଇ ଭିତ୍ତିଭୂମି ସହିତ ଅନ୍ୟ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ କରିବା ସମ୍ପର୍କରେ ରେଳମନ୍ତ୍ରୀଙ୍କ ସହ ଆଲୋଚନା କଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ
- ଅଧାରୁ ପାଠ ଛାଡୁଥିବା ପିଲାମାନଙ୍କୁ ଚିହ୍ନଟ କରିବା ପାଇଁ ସରକାରଙ୍କ ସର୍ବେକ୍ଷଣ କାର୍ଯ୍ୟକ୍ରମକୁ ପ୍ରଶଂସା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଏବଂ

- "ଦ୍ରୁତ ପରିବର୍ତ୍ତନଶୀଳ ସଂପ୍ରଦାୟରେ ସଂଗ୍ରହାଳୟର ଭବିଷ୍ୟତ"ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ

## ମୁଖ୍ୟମନ୍ତ୍ରୀ-ସମୀକ୍ଷା ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି **ବୌଦ୍ଧ** ଜିଲା ଗସ୍ତ କରି ଜିଲ୍ଲାରେ ଚାଲିଥିବା ବିକାଶମୂଳକ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ।

ଖୁବ୍ ଶୀଘ୍ର ନୟାଗଡ଼ରୁ ବୌଦ୍ଧ ପର୍ଯ୍ୟନ୍ତ ରେଳ ଚଳାଚଳ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୌଦ୍ଧରେ ୩୦୦ ଶଯ୍ୟାବିଶିଷ୍ଟ ଡାକ୍ତରଖାନା, ନୂତନ ବସ୍‌ଷ୍ଟାଣ୍ଡର କାର୍ଯ୍ୟ ଶେଷ ହେବ। ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ ସମସ୍ତ ଅଧିକାରୀମାନେ ସକାରାତ୍ମକ ମନୋଭାବ ସହ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଜିଲ୍ଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଅବଗତ କରାଯିବା ସହ ସେମାନଙ୍କ ମତାମତକୁ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବିଭିନ୍ନ ସରକାରୀ ଯୋଜନା ଓ ପ୍ରକଳ୍ପଗୁଡ଼ିକରେ ସ୍ୱଚ୍ଛତା ବଜାୟ ରଖିବା ସରକାରଙ୍କର ଲକ୍ଷ୍ୟ। ଏଥିରେ କୌଣସି ଅନିୟମିତତା ଦୃଷ୍ଟିଗୋଚର ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**-V/O-***(CM)*

ସମୀକ୍ଷା ବୈଠକରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ସ୍ଥାନୀୟ ବିଧାୟକ ସରୋଜ କୁମାର ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ଓ ଜିଲ୍ଲାପାଳଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ତ୍ରିରଙ୍ଗା ପରାକ୍ରମ ଯାତ୍ରାର ଶୁଭାରମ୍ଭ କରିବା ସହ ଏଥିରେ ସାମିଲ ହୋଇଥିଲେ। ସ୍ଥାନୀୟ ସରସରା ହାଇସ୍କୁଲ ପଡିଆଠାରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତର ସେନାବାହିନୀର ଯବାନମାନେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ତ୍ରିରଙ୍ଗା ଶୋଭାଯାତ୍ରାରେ ସ୍ଥାନୀୟ ଜନସାଧାରଣ, ଦଳୀୟ ନେତା, ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ।

## ଧର୍ମେନ୍ଦ୍ର ପ୍ରଧାନ

ରାଜ୍ୟରେ ବିଦ୍ୟାଳୟ ଶିକ୍ଷାର କାର୍ଯ୍ୟାନ୍ୱୟନ ସମ୍ପର୍କରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହିତ ଆଲୋଚନା କରିଛନ୍ତି। ସମୀକ୍ଷା ବୈଠକରେ ସ୍କୁଲ ଭିତ୍ତିଭୂମିର ଉନ୍ନତୀକରଣ, ପାଠ୍ୟପୁସ୍ତକ ବିକାଶ, ଶିକ୍ଷକ ପ୍ରଶିକ୍ଷଣ ଓ ଜାତୀୟ ଶିକ୍ଷାନୀତି-୨୦୨୦ର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଥିଲା। ଓଡ଼ିଶାର ସ୍ଥାନୀୟ ଓ ସାଂସ୍କୃତିକ ବୈଶିଷ୍ଟ୍ୟକୁ ପାଠ୍ୟକ୍ରମରେ ସ୍ଥାନିତ କରାଯାଇଥିବାରୁ ଶ୍ରୀ ପ୍ରଧାନ ସନ୍ତୋଷ ବ୍ୟକ୍ତ କରିଥିଲେ। ବିଦ୍ୟାଳୟ ଶିକ୍ଷା ଅଧାରୁ ଛାଡ଼ିଦେଇଥିବା ପିଲାମାନଙ୍କୁ ଚିହ୍ନଟ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ସର୍ବେକ୍ଷଣ କାର୍ଯ୍ୟକ୍ରମକୁ କେନ୍ଦ୍ରମନ୍ତ୍ରୀ ପ୍ରଶଂସା କରିଥିଲେ। ଏକ ବିକାଶଶୀଳ ଓଡ଼ିଶା ଓ ଦେଶ ଗଠନ ପ୍ରତି କେନ୍ଦ୍ର ସରକାର ନିରନ୍ତର କାର୍ଯ୍ୟ କାରୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ରେଳମନ୍ତ୍ରୀଙ୍କୁ ସାକ୍ଷାତ

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରିଛନ୍ତି। ଶ୍ରୀ ସିଂହଦେଓ ଓଡ଼ିଶାରେ ରେଳବାଇ କ୍ଷେତ୍ରକୁ ସୁଦୃଢ଼ କରିବା, ଭିତ୍ତିଭୂମି, ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ନିରନ୍ତର ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଶ୍ରୀ ସିଂହଦେଓ କହିଛନ୍ତି, ଏହାଦ୍ୱାରା ରାଜ୍ୟରେ ସମାବେଶୀ ବିକାଶ ଓ ଉନ୍ନତ ସାର୍ବଜନୀନ ପରିବହନ ସୁବିଧା ସୁନିଶ୍ଚିତ କରାଯାଇପାରିବ।

## ଶ୍ରୀମନ୍ଦିର ମାମଲା ଶୁଣାଣି

ଓଡ଼ିଶା ହାଇକୋର୍ଟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତି ସମ୍ପର୍କିତ ଏକ ମାମଲାର ଶୁଣାଣି କରି ଶ୍ରୀମନ୍ଦିର ପ୍ରଶାସନ ସପକ୍ଷରେ ରାୟ ଦେଇଛନ୍ତି। ଶ୍ରୀମନ୍ଦିରର ସମସ୍ତ ସମ୍ପତ୍ତିଗୁଡ଼ିକର କମ୍ପ୍ୟୁଟରୀକରଣ କରାଯିବା ସହ ରାଜ୍ୟ ସରକାରଙ୍କ ସମାନ ନୀତି ବା ୟୁନିଫର୍ମ ପଲିସୀ ଓ ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ ୧୯୫୫ ଅନୁଯାୟୀ ସମସ୍ତ ଜମିର ସୁରକ୍ଷା କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ ପାଳନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବଦ୍ଧ ପରିକର ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି।

## ଏ.ଏସ୍.ଆଇ. - ମ୍ୟୁଜିୟମ୍ ଡେ

ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ଏହି କ୍ଷେତ୍ରରେ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବା ନେଇ ଆଜି ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ଆଜି ପାଳନ କରାଯାଉଛି। ଚଳିତ ବର୍ଷର ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସର ବାର୍ତ୍ତା ହେଉଛି "ଦ୍ରୁତ ପରିବର୍ତ୍ତନଶୀଳ ସଂପ୍ରଦାୟରେ ସଂଗ୍ରହାଳୟର ଭବିଷ୍ୟତ"। ଦେଶର

ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଅନୁଶୀଳନ କରିବା ଏବଂ ଏହି ଦିଗରେ ଜନ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ପ୍ରତିବର୍ଷ ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ପାଳନ କରାଯାଇଥାଏ। ଏହି ଦିବସ ପାଳନ ଅବସରରେ ଦେଶର ସମସ୍ତ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସ୍ମାରକୀ ଏବଂ ସଂଗ୍ରହାଳୟରେ ଆଜି ଦିନକ ପାଇଁ ନିଃଶୁଳ୍କ ପ୍ରବେଶ ନେଇ ଏ.ଏସ୍.ଆଇ. ଘୋଷଣା କରିଛି । ସଂସ୍କୃତି ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏ.ଏସ୍.ଆଇ.ର ୫୨ଟି ସ୍ମାରକୀ ଏବଂ ସଂଗ୍ରହାଳୟରେ ଜନସାଧାରଣ ଆଜି ନିଃଶୁଳ୍କ ପ୍ରବେଶ କରିପାରିବେ ।

## ରବି ଧାନ ସଂଗ୍ରହ

ରାଜ୍ୟର ବିଭିନ୍ନ ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଚଳିତ ମାସ ପହିଲାରୁ ଆରମ୍ଭ ହୋଇଛି। ଖାଦ୍ୟ ଯୋଗାଣ ବିଭାଗର ସୂଚନା ଅନୁସାରେ, ୨୦ଟି ଜିଲ୍ଲାରେ ଧାନ ସଂଗ୍ରହ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୮୦ ପ୍ରତିଶତ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକରେ ଚଳିତ ରବିଋତୁରେ ୧୪ ଲକ୍ଷ ମେଟ୍ରିକ୍‌ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ୨୨ ପ୍ରତିଶତ ଅଧିକ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ହେଲେ, ଚଳିତବର୍ଷ ଅଧିକ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବାରୁ ଧାନ ସଂଗ୍ରହ ଅଧିକ ହେବା ନେଇ ଜିଲ୍ଲାପାଳମାନଙ୍କୁ ସୂଚନା ଦିଆଯାଇଛି। ଚଳିତବର୍ଷ ଭଦ୍ରକ, କନ୍ଧମାଳ ଓ ସୁନ୍ଦରଗଡ଼ ଜିଲ୍ଲାକୁ ରବି ଧାନ ବିକ୍ରି ପାଇଁ ସାମିଲ କରାଯାଇଛି।

## ଧରତୀଆବା

**ନବରଙ୍ଗପୁର**ଠାରେ କେନ୍ଦ୍ର ସରକାରଙ୍କର ଧରତୀଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୪୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସାଂସଦ ବଳଭଦ୍ର ମାଝୀ କହିଛନ୍ତି। ଜନସାଧାରଣଙ୍କୁ ଏହି ଯୋଜନା ସମ୍ପର୍କରେ ଅବଗତ କରାଇବା ଲାଗି ଆସନ୍ତା ଜୁନ୍ ମାସ ୧୫ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଅଭିଯାନର ଅଂଶସ୍ୱରୂପ ୧୬୯ଟି ଗ୍ରାମପଞ୍ଚାୟତର ୫୩୬ ଟି ଗ୍ରାମରେ ସ୍ୱତନ୍ତ୍ର କ୍ୟାମ୍ପର ଆୟୋଜନ କରାଯିବ। ଜିଲ୍ଲାରେ ୧୦ ଟି ୧୦୦ ଶଯ୍ୟାବିଶିଷ୍ଟ ଛାତ୍ରାବାସ, ୨ଟି ୨୦୦ ଶଯ୍ୟାବିଶିଷ୍ଟ ଛାତ୍ରାବାସ ଏବଂ ୪ଟି ଅତିରିକ୍ତ ଶ୍ରେଣୀଗୃହ ପାଇଁ ମୋଟ୍ ୪୦ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି।

## ଅପରେସନ୍ ସିନ୍ଦୂର

ଅପରେସନ୍ ସିନ୍ଦୂରର ସଫଳତା ନେଇ **କେନ୍ଦ୍ରାପଡା** ଜିଲ୍ଲାର ଡେରାବିଶି ବ୍ଲକ୍ ଅନ୍ତର୍ଗତ ଅଁଳାବାଙ୍କ ଗ୍ରାମଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଏବଂ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସୈନିକ ସଂଘ ଓ ସ୍ଥାନୀୟ ସାମାଜିକ ସଂସ୍ଥା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେବାନିବୃତ୍ତ ସୈନିକ, ଶିକ୍ଷାବିତ୍, ସମାଜସେବୀ ଏବଂ ଜନସାଧାରଣ ସାମିଲ ହୋଇଥିଲେ।

## ଆଇନ୍ ସଚେତନତା

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ପୌର ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ଓ ବିଭିନ୍ନ ଆଇନ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ପ୍ରାଧିକରଣର ସଚିବ ବିମଳ ରାଉତ ଏଥିରେ ଯୋଗଦେଇ ସ୍ୱଚ୍ଛତା ଓ ସୁସ୍ଥତା ଦିଗରେ ବର୍ଜ୍ୟବସ୍ତୁ ପରିଚାଳନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି। ବାଲ୍ୟ ବିବାହ ଓ ପକ୍‌ସୋ ଆଇନ୍ ସମ୍ପର୍କରେ ସେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ।

## ପାଣିପାଗ

ରାଜ୍ୟର ଅଧିକାଂଶ ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ଯୋଗୁଁ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଜି ସମ୍ବଲପୁର, ନୂଆପଡା, ବଲାଙ୍ଗିରକୁ ବାଦ୍ ଦେଲେ ରାଜ୍ୟର ଅନ୍ୟ ସମସ୍ତ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀରୁ କମ୍ ଥିଲା। ସମ୍ବଲପୁରରେ ସର୍ବାଧିକ ୪୦ ଦଶମିକ ୬ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ, ଆସନ୍ତାକାଲି ସକାଳ ସୁଦ୍ଧା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଓ ମୟୂରଭଂଜ ଜିଲ୍ଲାରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ଏବଂ ଝଡ଼ ତୋଫାନର ସମ୍ଭାବନା ରହିଛି। ଘୂର୍ଣ୍ଣି ଝଡ଼ ସମୟରେ କୌଣସି ଗଛ ତଳେ ଆଶ୍ରୟ ନ ନେବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ପାଗରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନଥିବା ପାଣିପାଗ ବିଭାଗ କହିଛି।

*********************************